# ଓଡିଶା ପୁଷ୍ଟିଶସ୍ୟ ମିଶନର ସଫଳ କାହାଣୀ, ମାଲକାନଗିରି

ଏହି ତଥ୍ୟପତ୍ରରେ ଜିଲ୍ଲା ସ୍ତରୀୟ ବାର୍ତ୍ତା ଭୁବନେଶ୍ୱରସ୍ଥିତ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ପ୍ରଫେସର ଶ୍ରୀଜିତ୍ ମିଶ୍ର ଓ ତାଙ୍କ ସହଯୋଗୀଙ୍କ ଅଧ୍ୟୟନ, "ଓଡିଶାର ଆଦିବାସୀ ଅଞ୍ଚଳରେ ପୁଷ୍ଟିଶସ୍ୟ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର (ଓଡିଶା ପୁଷ୍ଟିଶସ୍ୟ ମିଶନର) ଜମିର ପରିମାଣ, ଅମଳ, ଉତ୍ପାଦନ ଏବଂ ଉତ୍ପାଦିତ ଶସ୍ୟର ମୂଲ୍ୟ, ୨୦୧୭-୧୮, ପର୍ଯ୍ୟାୟ-୧।" ଓ ପ୍ରାରମ୍ଭ (୨୦୧୬-୧୭) ସ୍ଥିତିର ଉପସ୍ଥାପନାରୁ ବ୍ୟୁତ୍ପାଦିତ।

## ଓଡିଶା ପୁଷ୍ଟିଶସ୍ୟ ମିଶନର କାହାଣୀ

୨୦୧୭ ଖରିଫ ଋତୁରେ ଓଡିଶା ସରକାର ଦ୍ୱାରା ପୁଷ୍ଟିଶସ୍ୟକୁ କୃଷିକ୍ଷେତ୍ର ଓ ଖାଦ୍ୟଥାଳିରେ ପ୍ରୋତ୍ସାହିତ କରାଇଥିଲେ, କାରଣ –

କ) ପୁଷ୍ଟିଶସ୍ୟରେ ଅଧିକ ପରିମାଣର ପୌଷ୍ଟିକତା ଅଛି (ଅଣୁଖାଦ୍ୟସାର ମଧ ଅଛି, ଯାହାକି ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରେ)

ଖ) ପୁଷ୍ଟିଶସ୍ୟରେ ଜୈବିକ (କୀଟ ଓ ତୃଣ) ଏବଂ ଅଜୈବିକ (ତାପମାତ୍ରା ଓ ଆଦ୍ରତା) ସହଣୀ ଶକ୍ତି ଅଧିକ ଥାଏ।

## ଆକଳନର ପ୍ରଣାଳୀ

ବ୍ଲକ-ଋତୁ-ଫସଲ-ଚାଷପ୍ରଣାଳୀର ଫସଲ କଟା ପରୀକ୍ଷଣର ସର୍ବନିମ୍ନ ଅମଳକୁ ଓଡିଶା ପୁଷ୍ଟିଶସ୍ୟ ଅଧୀନରେ ହୋଇଥିବା ସେଇ ବ୍ଲକ-ଋତୁ-ଫସଲ-ଚାଷପ୍ରଣାଳୀର ସମୁଦାୟ ଚାଷ କ୍ଷେତ୍ରଫଳରେ ପକାଇ ଏକ ଉତ୍ପାଦନର ଆକଳନ କରାଯାଇଛି। ଉତ୍ପାଦନର ମୂଲ୍ୟ ପାଇଁ କାର୍ଯ୍ୟକ୍ରମ ପ୍ରାରମ୍ଭରୁ ବ୍ଲକ-ଫସଲ-ନିର୍ଦ୍ଦିଷ୍ଟ ମୂଲ୍ୟକୁ ନିଆଯାଇଛି।

ବଳିଷ୍ଠ ତଦାରଖ ପାଇଁ, ଦୁଇଟି ନିର୍ଦ୍ଦିଷ୍ଟ ବୈକଳ୍ପିକ ବ୍ୟବହାର କରାଯାଇଛି । ଗୋଟିଏ ହେଉଛି ତିନୋଟି ଫସଲ କଟା ପରୀକ୍ଷଣରୁ ମିଳିଥିବା ସର୍ବନିମ୍ନ ଅମଳ ଏବଂ ଅନ୍ୟଟି ସମସ୍ତ ନିର୍ଦ୍ଦିଷ୍ଟ ନିୟନ୍ତ୍ରଣ ସହ ଫସଲ କଟା ପରୀକ୍ଷଣର ହାରାହାରି ମୂଲ୍ୟ। ବ୍ଲକ-ଋତୁ-ଫସଲ-ଚାଷପ୍ରଣାଳୀରୁ ପାଇଥିବା ସର୍ବନିମ୍ନ ଅମଳ ଯୁକ୍ତିଯୁକ୍ତ ମନେହୁଏ କାରଣ ଏହା ଦୁଇଟି ବୈକଳ୍ପିକ ମଧ୍ୟରେ ଅବସ୍ଥିତ।

## କାର୍ଯ୍ୟକ୍ରମର ପରିସର

**ମାଲକାନଗିରି ଜିଲ୍ଲାରେ ଓଡିଶା ପୁଷ୍ଟିଶସ୍ୟ ମିଶନର ପ୍ରଥମ ବର୍ଷରେ ଅନ୍ତର୍ଭୁକ୍ତ ବ୍ଲକ**




## ଫଳାଫଳ: ଓଡିଶା ପୁଷ୍ଟିଶସ୍ୟ ମିଶନର ପ୍ରଥମ ବର୍ଷର ହସ୍ତକ୍ଷେପ ପରେ ପରିବର୍ତ୍ତନ

### ଚାଷୀ ପରିବାରର ହାରାହାରି ଚାଷ ଜମି (ହେକ୍ଟର)




### ହେକ୍ଟର ପିଛା ଉତ୍ପାଦନ (କୁଇଣ୍ଟାଲରେ)




### ହେକ୍ଟର ପିଛା ଉତ୍ପାଦନର ମୂଲ୍ୟ (ଟଙ୍କା, ₹)




### ପ୍ରତି ଚାଷୀ ପରିବାରର ଉତ୍ପାଦନର ମୂଲ୍ୟ (ଟଙ୍କା, ₹)




**ମାଲକାନଗିରି ଜିଲ୍ଲାର ନିମ୍ନଲିଖିତ ପରିବର୍ତ୍ତନ ଓଡିଶା ପୁଷ୍ଟିଶସ୍ୟ ମିଶନର ପ୍ରଥମ ବର୍ଷର ହସ୍ତକ୍ଷେପରେ**

- ଚାଷୀ ପରିବାରର ମିଶନ ଅନ୍ତର୍ଭୁକ୍ତ ପୁଷ୍ଟିଶସ୍ୟର ହାରାହାରି ଚାଷ ଜମି ୨.୮୦ ଗୁଣା ବୃଦ୍ଧି ପାଇଥିଲା, ୦.୩୯ ହେକ୍ଟର ରୁ ୧.୦୯ ହେକ୍ଟର
- ଅମଳ ୨.୬୫ ଗୁଣା ବୃଦ୍ଧି ପାଇଥିଲା, ହେକ୍ଟର ପିଛା ୪.୭୨ କୁଇଣ୍ଟାଲ ରୁ ୧୨.୫୩ କୁଇଣ୍ଟାଲ
- ଉତ୍ପାଦକର ମୂଲ୍ୟ ୨.୫୮ ଗୁଣା ବୃଦ୍ଧି ପାଇଥିଲା, ହେକ୍ଟର ପିଛା ₹୮,୩୦୭ ରୁ ₹୨୧,୪୫୫
- ପ୍ରତି ଚାଷୀ ପରିବାରରେ ଉତ୍ପାଦକର ମୂଲ୍ୟ ୭.୨୨ ଗୁଣା ବୃଦ୍ଧି ପାଇଥିଲା, ହେକ୍ଟର ପିଛା ₹୩,୨୩୦ ରୁ ₹୨୩,୩୩୫

## ବ୍ଲକ ମାନଙ୍କର ଫଳାଫଳ

| ଜାଗାର ନାମ | ଚାଷୀ ପରିବାରର ହାରାହାରି ଚାଷ ଜମି (ହେକ୍ଟର) | | ହେକ୍ଟର ପିଛା ଉତ୍ପାଦନ (କୁଇଣ୍ଟାଲରେ) | | ହେକ୍ଟର ପିଛା ଉତ୍ପାଦନର ମୂଲ୍ୟ (ଟଙ୍କା, ₹) | | ପ୍ରତି ଚାଷୀ ପରିବାରର ଉତ୍ପାଦନର ମୂଲ୍ୟ (ଟଙ୍କା, ₹) | |
|---|---|---|---|---|---|---|---|---|
| | ୨୦୧୬-୨୦୧୭ | ୨୦୧୭-୨୦୧୮ | ୨୦୧୬-୨୦୧୭ | ୨୦୧୭-୨୦୧୮ | ୨୦୧୬-୨୦୧୭ | ୨୦୧୭-୨୦୧୮ | ୨୦୧୬-୨୦୧୭ | ୨୦୧୭-୨୦୧୮ |
| ଚିତ୍ରକୋଣ୍ଡା | ୦.୪୨ | ୧.୦୬ | ୭.୧୭ | ୧୭.୬୯ | ୧୩୩୫୦ | ୩୨୯୪୦ | ୫୬୪୨ | ୩୪୮୩୩ |
| ଖଇରିପୁଟ | ୦.୨୯ | ୧.୦୧ | ୩.୪୫ | ୧୦.୦୯ | ୬୦୧୯ | ୧୮୧୪୦ | ୨୪୧୧ | ୧୮୪୦୯ |
| କୋରକୁଣ୍ଡା | ୦.୪୦ | ୧.୧୨ | ୩.୨୪ | ୧୧.୪୭ | ୫,୭୬୯ | ୨୦,୩୯୬ | ୨,୩୨୫ | ୨୨,୮୯୮ |
| ମାଥିଲି | ୦.୩୪ | ୧.୧୩ | ୩.୪୧ | ୧୧.୦୫ | ୪,୯୫୮ | ୧୬,୦୬୧ | ୧,୬୭୭ | ୧୮୧୦୯ |
| ମାଲକାନଗିରି | ୦.୩୯ | ୧.୦୯ | ୪.୭୨ | ୧୨.୫୩ | ୮,୩୦୭ | ୨୧,୪୫୫ | ୩,୨୩୦ | ୨୩,୩୩୫ |
| ଓଡିଶା | ୦.୪୨ | ୦.୬୦ | ୫.୭୯ | ୧୨.୭୨ | ୯୪୪୭ | ୨୦୭୧୦ | ୩୯୫୭ | ୧୨୪୮୬ |


ncds_bbsr@dataone.in http://ncds.nic.in, http://www.milletsodisha.com @ncdsbhubaneswar, @milletsmission @ncds_bbsr, @MilletsOdisha


Powered by

# ଓଡିଶା ପୁଷ୍ଟିଶସ୍ୟ ମିଶନର ସଫଳ କାହାଣୀ, ମାଲକାନଗିରି

## ବ୍ଲକସ୍ତରୀୟ ଫଳାଫଳ

### ପୁଷ୍ଟିଶସ୍ୟ ଚାଷ : ମାଣ୍ଡିଆ

ଓଡିଶା ପୁଷ୍ଟିଶସ୍ୟ ମିଶନ କାର୍ଯ୍ୟକ୍ରମରେ ପ୍ରଥମ ବର୍ଷରେ ମାଲକାନଗିରି ଜିଲ୍ଲାରେ ୧୬୯୪.୫୦ ହେକ୍ଟରରେ ମାଣ୍ଡିଆ ଚାଷ କରାଯାଇଥିଲା। ହେକ୍ଟର ପିଛା ୧୨.୩୫ କୁଇଣ୍ଟାଲ ହାରାହାରି ଅମଳ ହିସାବରେ ୨୧,୨୨୬.୭୨ କୁଇଣ୍ଟାଲ ଉତ୍ପାଦନ ହୋଇଥିଲା। ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକରେ ସର୍ବମୋଟ ହେକ୍ଟର ପିଛା ୧୭.୬୯ କୁଇଣ୍ଟାଲ ଅମଳ ହୋଇଥିଲା ବେଳେ ଅନ୍ୟ ବ୍ଲକରେ ଏହା ଜିଲ୍ଲାର ହାରାହାରି ଅମଳ ଠାରୁ କମ ଥିଲା।

### ମାଲକାନଗିରି ଜିଲ୍ଲାର ବ୍ଲକ ମାନଙ୍କରେ ମାଣ୍ଡିଆର ଅମଳ




## ଚାଷ ପ୍ରଣାଳୀ ଅନୁସାରେ ଫଳାଫଳ

### ଚାଷ ପ୍ରଣାଳୀ ଅନୁସାରେ ଜମିର ଭାଗ




### ଚାଷ ପ୍ରଣାଳୀ ଅନୁସାରେ ଉତ୍ପାଦନର ଭାଗ




### ଚାଷ ପ୍ରଣାଳୀ ଅନୁସାରେ ଅମଳ




### ଚାଷ ପ୍ରଣାଳୀ ଅନୁସାରେ ବ୍ଲକ, ଜିଲ୍ଲା ଓ ରାଜ୍ୟରେ ଉତ୍ପାଦନର ତୁଳନାତ୍ମକ ତଥ୍ୟ




ଚାଷର ପ୍ରଣାଳୀ ଅନୁସାରେ ମାଲକାନଗିରି ଜିଲ୍ଲାରେ ୭୩% ଚାଷ ଜମିରୁ ୭୪ % ଉତ୍ପାଦନ ଧାଡିରୋପାରୁ ଆସିଥିଲା। ଧାଡିରୋପା ପ୍ରଣାଳୀ ଚିତ୍ରାକୁଣ୍ଡ ଓ ମାଥିଲି ବ୍ଲକରେ ଚାଷୀମାନେ ଅଧିକ ପରିମାଣରେ ଆପଣାଇଥିଲେ। ଧାଡିରୋପାରେ ଶ୍ରୀ ପ୍ରଣାଳୀ ଠାରୁ ୧.୨୧% ଅଧିକ ଅମଳ ହୋଇଥିଲା।

### ଚାଷ ପ୍ରଣାଳୀ ଅନୁସାରେ ଜିଲ୍ଲାଗୁଡିକରେ ଉତ୍ପାଦନର ତୁଳନାତ୍ମକ ତଥ୍ୟ




ଓଡିଶା ପୁଷ୍ଟିଶସ୍ୟ ମିଶନର ପ୍ରଥମ ବର୍ଷର କାର୍ଯ୍ୟକ୍ରମରେ, ଶ୍ରୀ ଓ ଧାଡିରୋପା ପ୍ରଣାଳୀକୁ ମିଶନ ଅନ୍ତର୍ଭୁକ୍ତ ସମସ୍ତ ସାତଟି ଜିଲ୍ଲା ଗ୍ରହଣ କରିଥିଲେ, ଧାଡିବୁଣା ପ୍ରଣାଳୀ କେବଳ ଗଜପତି ଏବଂ କଳାହାଣ୍ଡି ଜିଲ୍ଲାରେ ବ୍ୟବହାର ହୋଇଥିଲା ।